୨୦୧୪–୧୫ ବର୍ଷରେ ବାଣିଶ୍ରୀ ଯୋଜନାରେ ୩୦, ୬୫୮ ଜଣ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ବୃତ୍ତି ପ୍ରଦାନ, ୪୮୭ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପିଲାମାନଙ୍କୁ ଉଚ୍ଚ ଶିକ୍ଷା ପାଇଁ ବୃତ୍ତି ପ୍ରଦାନ କରାଯାଇଛି । ଭିନ୍ନକ୍ଷମ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମିଶନ କ୍ଷମତା ଜରିଆରେ ୧.୫କୋଟି ଟଙ୍କା ସହାୟତା ପ୍ରଦାନ କରାଯାଇଛି । ମଧୁବାବୁ ପେନ୍‌ସନ୍ ଯୋଜନାରେ ୨,୨୨,୨୦୦ ଜଣ ଭିନ୍ନକ୍ଷମ ହିତାଧିକାରୀଙ୍କୁ ମାସିକ ୩୦୦ ଟଙ୍କା ଲେଖାଏଁ ଭତ୍ତା ପ୍ରଦାନ, ୧୦୦ଜଣ ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କୁ ଉଚ୍ଚତର ଶିକ୍ଷା ପାଇଁ ମାଗଣାରେ ସ୍ୱତନ୍ତ୍ର ଲ୍ୟାପ୍‌ଟପ୍ ପ୍ରଦାନ କରାଯାଇଛି । ୪୪ଜଣ ଦମ୍ପତିଙ୍କୁ ବିବାହ ପ୍ରୋତ୍ସାହନ ବାବଦରେ ପ୍ରତ୍ୟେକଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି ।

ଗବେଷଣା ଓ ତଥ୍ୟ ସୂଚନା ଅଧିକାରୀ
ସୂଚନା ଓ ଲୋକ ସମ୍ପର୍କ ବିଭାଗ
ଭୁବନେଶ୍ୱର

# ସବୁଠୁ ମୁଁ ଭାଗ୍ୟବାନ

**ଯାଜ୍ଞସେନୀ ପଣ୍ଡା**

ପ୍ରକୃତି ସମ୍ପଦେ ଭରା ମୋ' ଉତ୍କଳ
ସଂସ୍କୃତିର ଗନ୍ତାଘର
ଭାଷା ଭାଷି ମଧ୍ୟେ ଶ୍ରେଷ୍ଠ ମୋ ଓଡ଼ିଆ
ଓଡ଼ିଶାରେ ମୋର ଘର ।
ନଦନଦୀ ବିଲ ବନ ଉପବନ
ସବୁଜ ବନାନୀ ଗିରି
ଜଗତର ନାଥ କାଳିଆ ସାଆନ୍ତ
ଓଡ଼ିଆ ଜାତିର ଶିରୀ ।
ଜନମିଛନ୍ତି ଏ ଓଡ଼ିଶା ମାଟିରେ
କେତେ ଶ୍ରେଷ୍ଠ ନରପତି
ବିଜୁ ଗୋପବନ୍ଧୁ ବକ୍ସି ଜଗବନ୍ଧୁ
କୃଷ୍ଣଚନ୍ଦ୍ର ଗଜପତି ।
ରାଉରକେଲାର ଲୁହା କାରଖାନା
ଦେଶ ବିଦେଶରେ ମାନ
ବନ୍ଦର ମଧ୍ୟରେ ପାରାଦୀପ ନାମ
ରଖିଛି ଆମ ସୁନାମ ।

ମନ୍ଦିର ମାଳାରେ ଶୋଭେ ମୋ' ରାଇଜ
ମହକି ଉଠେ ମୋ ମନ
ପୁରୁଷ ପୁରୁଷ ରଖିଛି ସାଇତି
ଓଡ଼ିଆର ସ୍ୱାଭିମାନ ।
ବାର ମାସେ ତେର ପରବ ଆମର
ନିଇତି ଯାନିଯାତରା ।
ଶଙ୍ଖ ହୁଳହୁଳି ମନ୍ଦିରେ କାହାଳୀ
ଏଇ ଆମ ପରମ୍ପରା ।
ମଣ୍ଡା ଖିରି ପୁଳି ଆରିଷା କାକରା
ଦହିବରା ଭଙ୍ଗାପାନ
ସେଇ ରାଇଜରେ ମୋର ଏ ଜନମ
ସବୁଠୁ ମୁଁ ଭାଗ୍ୟବାନ ।

ଘର ନଂ– ୱାନ୍ ଆର୍–୨୨
ରୋଡ୍ ନଂ– ୮, ୟୁନିଟ୍–୯
ଭୁବନେଶ୍ୱର

❖ ❖ ❖